### ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୫-୬ରେ ହାରିଲା ଲିଅନ୍

# ପିଏସ୍‌ଜି ଜିତିଲା ଫ୍ରେଞ୍ଚ ଲିଗ୍ କପ୍

**ପ୍ୟାରିସ୍,୧୮/ଏଜେନ୍ସି:** ଚଳିତ ବର୍ଷର ଫ୍ରେଞ୍ଚ ଲିଗ୍ କପ୍‌ରେ ପ୍ୟାରିସ୍ ସେଣ୍ଟ-ଜର୍ମେନ୍ (ପିଏସ୍‌ଜି) ଚାମ୍ପିଅନ୍ ହୋଇଛି। ଶୁକ୍ରବାର ରାତିରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଦଳ ଲିଅନ୍ ଟିମ୍‌କୁ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୬-୫ରେ ପରାସ୍ତ କରି ନବମ ଥର ପାଇଁ ଏହି ପ୍ରତିଯୋଗିତାରେ ଟାଇଟଲ୍ ହାସଲ କରିପାରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ୍‌ଟି ବିନା ଗୋଲ୍‌ରେ ଶେଷ ହେବା ପରେ ପେନାଲ୍ଟି କର୍ଣ୍ଣରରେ ପିଏସ୍‌ଜି ୬-୫ରେ ବିଜୟୀ ହୋଇଥିଲା। ପ୍ରଥମ ୫ଟି ଲେଖାଏଁ ଗୋଲ୍ ଉଭୟ ପକ୍ଷ ସ୍କୋର୍ କରିବା ପରେ ଲିଅନ୍‌ର ଷଷ୍ଠ କିକ୍‌କୁ ପିଏସ୍‌ଜି ଗୋଲ୍‌କିପର୍ କିଲୋର୍ ନାଭାସ୍ ରୋକିଦେଇଥିଲେ। ଉକ୍ତ ପେନାଲ୍ଟି କିକ୍‌ଟି ଲିଅନ୍‌ର ବେରଟ୍ରାଣ୍ଡ ଟ୍ରାଓର୍ ନେଇଥିଲେ। ପରେ ପିଏସ୍‌ଜି ପକ୍ଷରୁ ଷଷ୍ଠ କିକ୍‌ଟି ପାବଲୋ ସରାବିୟା ନେବା ସହ ଏହାକୁ ଗୋଲ୍ ଦେଇ ଦଳକୁ ବିଜୟୀ କରାଇଥିଲେ। ଏଠାକାର ଷ୍ଟାଡେ ଡି' ଫ୍ରାନ୍ସ ଷ୍ଟାଡିୟମ୍ ଫାଇନାଲ୍ ମ୍ୟାଚ୍‌ଟିକୁ ୫ ହଜାର ଦର୍ଶକ ଉପଭୋଗ କରିଥିଲେ। ୧୯୯୫ରୁ ଚାଲିଆସିଥିବା ଫ୍ରେଞ୍ଚ ଲିଗ୍ କପ୍‌ର ଏହା ଶେଷ ସଂସ୍କରଣ। ଗତବର୍ଷ ସେପ୍ଟେମ୍ବରରେ ଆୟୋଜକ ଫ୍ରେଞ୍ଚ ପ୍ରଫେସନାଲ୍ ଫୁଟବଲ୍ ଲିଗ୍ (ଏଲ୍‌ଏଫ୍‌ପି) ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିଲା।



ଏହି ପ୍ରତିଯୋଗିତା ପାଇଁ ଏଲ୍‌ଏଫ୍‌ପି କୌଣସି ପ୍ରସାରକ ଯୋଗାଡ଼ କରିପାରି ନ ଥିଲେ ହେଁ ଏହାର ପ୍ରସାରଣ ଅଧିକାର ନିଜ ପାଖରେ ରଖିଛି ଓ ଖୁବ୍‌ଶୀଘ୍ର ଏହି ପ୍ରତିଯୋଗିତା ପୁଣିଥରେ ଆରମ୍ଭ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖିଛି। ଶୁକ୍ରବାରର ବିଜୟ ଫଳରେ ପିଏସ୍‌ଜି ଘରୋଇ ପ୍ରତିଯୋଗିତାରେ ହ୍ୟାଟ୍ରିକ୍ ଟାଇଟଲ୍ ହାସଲ କରିଛି। ପୂର୍ବରୁ ଗତ ଏପ୍ରିଲ୍‌ରେ କରୋନା ଭୂତାଣୁ ସଂକ୍ରମଣ କାରଣରୁ ୧୦ଟି ମ୍ୟାଚ୍ ଖେଳାଯିବାକୁ ବାକି ଥିବା ବେଳେ ପିଏସ୍‌ଜି ଲିଗ୍ ୧ରେ ଶୀର୍ଷ ଟିମ୍ ଭାବେ ଚାମ୍ପିଅନ୍ ହୋଇଥିଲା। ସେହିପରି ଗତ ସପ୍ତାହରେ ଶେଷ ହୋଇଥିବା ଫ୍ରେଞ୍ଚ କପ୍ ଫାଇନାଲ୍‌ରେ ସେଣ୍ଟ-ଏଟିନ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରି ପିଏସ୍‌ଜି କ୍ରମାଗତ ଦ୍ୱିତୀୟ ଟାଇଟଲ୍ ଲାଭ କରିଥିଲା। ଶୁକ୍ରବାରର ଫାଇନାଲ୍ ମୁକାବିଲାରେ ଥୋମାସ୍ ଟଚେଲ୍‌ଙ୍କ ନେତୃତ୍ୱାଧୀନ ପିଏସ୍‌ଜି ଅଭିଜ୍ଞ କିଲିଆନ୍ ଏମ୍‌ବାପେଙ୍କୁ ମିସ୍ କରିଥିଲା। ଗତ ସପ୍ତାହରେ ଫ୍ରେଞ୍ଚ କପ୍ ଫାଇନାଲ୍‌ରେ ଆହତ ହୋଇଥିବା ଏମ୍‌ବାପେ ମାସ୍କ ପିନ୍ଧି ଷ୍ଟାଡିୟମ୍‌ରେ ବସି ପିଏସ୍‌ଜି ମୁକାବିଲା ଦେଖିଥିଲେ। ଅନ୍ୟପକ୍ଷରେ ଫାଇନାଲ୍‌ରେ ପରାସ୍ତ ହୋଇଥିବା ଲିଅନ୍ ଆଗାମୀ ଚାମ୍ପିଅନ୍ସ ଲିଗ୍‌ରେ ବିଜେତା ନ ହେଲେ ଏହାକୁ ୨୪ ବର୍ଷ ଭିତରେ ପ୍ରଥମ ଥର ପାଇଁ ଆସନ୍ତା ସିଜନ୍‌ରେ ୟୁରୋପା ଲିଗ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ ନାହିଁ। ପିଏସ୍‌ଜି, ମାର୍ସେଲି ଓ ରେନିସ୍ ୨୦୨୦-୨୧ ଚାମ୍ପିଅନ୍ସ ଲିଗରେ ଫ୍ରାନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେହିପରି ରିମ୍ସ, ଲିଲି ଓ ନାଇସ୍ ୟୁରୋପା ଲିଗ୍‌ରେ ଖେଳିବେ।